ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ତ୍ରୈମାସିକ ସମ୍ବାଦ ପତ୍ରିକା




# ନିଶାମୁକ୍ତି ସଂଗ୍ରାମ

# NISHAMUKTI SANGRAM


ତୃତୀୟ ବର୍ଷ | ସଂଖ୍ୟା - ୧୫ | ଜୁଲାଇ-ସେପ୍ଟେମ୍ବର ୨୦୨୪ | ଭୁବନେଶ୍ୱର | ପୃଷ୍ଠା - ୪ | ମୂଲ୍ୟ - ୫ ଟଙ୍କା

VOLUME - 3 | ISSUE - 15 | July-Sept. 2024 | BHUBANESWAR | 4 PAGES | PRICE : Rs.5.00




## ସଂପାଦକୀୟ


## ମଦ ନିଷେଧ ଓ ବେଆଇନ୍ ମଦ





ବେଆଇନ ମଦ୍ୟପାନ ଜନିତ ଦୁଇ ଜଣଙ୍କ ମୃତ୍ୟୁ ଲାଗି ଉଦ୍‌ବେଗ ପ୍ରକାଶ ପାଇଛି । ଏହା ସ୍ୱାଭାବିକ । କିନ୍ତୁ ଆଉ ଗୋଟେ କଥା ହେଲା ଆଇନଗତ ଭାବରେ ମଦ୍ୟପାନ କରି ଏଥିରୁ କେଇ ଗୁଣ ଅଧିକ ଲୋକ ଯେ ମରୁଛନ୍ତି, ସେଥିଲାଗି ଆମେ କେତେ ବିବ୍ରତ? ପ୍ରତିବର୍ଷ ସରକାରୀ ମଦ ଦୋକାନରୁ ମଦ ପିଇ ପ୍ରତି ରାଜ୍ୟରେ ୫୦୦୦ରୁ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ମରୁଛନ୍ତି । ଏହା ଛଡ଼ା ବିଶୁଦ୍ଧ ମଦ ପିଇ ମଦ୍ୟାସକ୍ତ ଯୁବକମାନେ ରୋଗ ପ୍ରତିରୋଧକ ଶକ୍ତି ହରାଇ ପ୍ରତି ବର୍ଷ ନାନା ରୋଗରେ ଅସଂଖ୍ୟ ଲୋକ ଅଧା ବୟସରେ ମରୁଛନ୍ତି । ଏହାକୁ ବିଚାରକୁ ନେଇ ସମଗ୍ର ଦେଶ ନିଶାମୁକ୍ତ ହେବା ଉଚିତ ବୋଲି ଦାବି ଉଠୁଛି । ଦେଶ ଅମୃତ ମହୋତ୍ସବ ପାଳନ କରୁଥିଲା ବେଳେ ମଦ ଭଳି ବିଷରୁ ଦେଶ ମୁକ୍ତ ହେବା ଅପରିହାର୍ଯ୍ୟ । କିନ୍ତୁ ଯେଉଁ ଦୁଇଟି ରାଜ୍ୟ ଆଇନଗତ ଭାବରେ ମଦକୁ ବନ୍ଦ କରିଛନ୍ତି, ସେମାନଙ୍କ ପଡ଼ୋଶୀ ରାଜ୍ୟରୁ ସେଠାକୁ କିଛି କିଛି ମଦ ଅନୁପ୍ରବେଶ ଘଟୁଛି । ଏହା ଛଡ଼ା ସେ ରାଜ୍ୟରେ ପ୍ରସ୍ତୁତ ବେଆଇନ ମଦ ପିଇ କିଛି ଲୋକ ମରୁଛନ୍ତି । ସେଭଳି ମୃତ୍ୟୁ ସଂଖ୍ୟା କୌଣସି ରାଜ୍ୟରେ ବାର୍ଷିକ ୫୦୦ ବି ନୁହେଁ । ଯେଉଁମାନେ କହନ୍ତି ଯେ ମଦ ନିଷେଧ ଆଇନ ଲାଗୁ ହେଲେ ବାହାର ରାଜ୍ୟରୁ ମଦ ଆସିବ ଏବଂ ଲୋକ ପିଇବେ, ଏଭଳି ଯୁକ୍ତି ସାରହୀନ । ସଡ଼କ ଦୁର୍ଘଟଣାରେ ଲୋକ ମରୁଛନ୍ତି ବୋଲି ସଡ଼କ ନିୟମ ରହିବା ଉଚିତ ନୁହେଁ ଭଳି ଯେ ଯୁକ୍ତି । ଅନ୍ତତଃ ନିୟମ ରହିଛି ବୋଲି ଦୁର୍ଘଟଣା କମ୍ ହେଉଛି । ସେମିତି ମଦ ନିଷେଧ ହେଲେ ମଦ ପିଇବା ନିଧାର୍ଯ୍ୟ ଭାବରେ କମିବ ।


ଏସବୁ ବିଚାରରୁ ଆମ ରାଜ୍ୟ ମଦ୍ୟାଦି ନିଶାଦ୍ରବ୍ୟରୁ ମୁକ୍ତ ହେବା ନେଇ ଆମେ ଆଶା କରୁଛୁ । ଏହା ଅବଶ୍ୟ ଏକା ଦିନକେ କେବେ ହୋଇପାରିବ ନାହିଁ । ଲୋକଙ୍କ ବିଶ୍ୱାସଭାଜନ ହେବା ଦୃଷ୍ଟିରୁ ସରକାର ହୁଏତ ପ୍ରଥମେ ଗ୍ରାମାଂଚଳକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ପଦକ୍ଷେପ ନିଅନ୍ତୁ ଏବଂ ସେଠାରେ ମଦ ବିକ୍ରି ନିଷେଧ କରନ୍ତୁ । କିନ୍ତୁ କେବଳ ସରକାରୀ କଳ ଏହା ରୋକିପାରିବ ନାହିଁ । ଏ ଦିଗରେ ଦଳମତ ନିର୍ବିଶେଷରେ ଜନସାଧାରଣଙ୍କର, ବିଶେଷ ଭାବରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ୱେଚ୍ଛାସେବୀ ସଂଗଠନମାନେ ସକ୍ରିୟ ସହଯୋଗର ହାତ ବଢାଇବା ଜରୁରୀ । ତାହାହେଲେ ସରକାରଙ୍କ ସଂକଳ୍ପ '୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା' ସଫଳ ହେବ ।


(ପଦ୍ମଚରଣ ନାୟକ)
ସଭାପତି, ମୋ: ୯୯୩୮୯୩୪୫
ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ








## ମହୋଦଧି ତଟରେ ମଦ ବିକ୍ରି ଗ୍ରହଣୀୟ ନୁହେଁ: ଶଙ୍କରାଚାର୍ଯ୍ୟ

ପୁରୀ, ୧୧ । ୯ ( ନି. ପ୍ର ): ପୁରୀ ବେଳାଭୂମିରେ ମଦ ବିକ୍ରି ନିଷ୍ପତ୍ତି ଆଦୌ ଗ୍ରହଣୀୟ ନୁହେଁ । ମହୋଦଧି ତୀର୍ଥ ଲୋକଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର । ସେଠାରେ ମଦ ବିକ୍ରି ସମ୍ପୂର୍ଣ୍ଣ ବର୍ଜନୀୟ ବୋଲି ପୁରୀ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି ।

ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟର ବିଭିନ୍ନ ବେଳାଭୂମିରେ ମଦ ବିକ୍ରି କେନ୍ଦ୍ର ଖୋଲିବାକୁ ନୂଆ ଅବକାରୀ ନୀତିରେ ରହିଥିବା ପ୍ରସ୍ତାବକୁ ଶଙ୍କରାଚାର୍ଯ୍ୟ ତୀବ୍ର ସମାଲୋଚନା କରିଛନ୍ତି । ବୁଧବାର ସେ କହିଛନ୍ତି ଯେ, ଏଭଳି ନିଷ୍ପତ୍ତି ରାଷ୍ଟ୍ର ପାଇଁ କଳଙ୍କ ଏବଂ ଗ୍ରହଣୀୟ ନୁହେଁ । କିଏ ଏଭଳି ପାଗଳ ନିଷ୍ପତ୍ତି ନେଲା ବୋଲି ସେ ପ୍ରଶ୍ନ କରିଛନ୍ତି । ମଦ ଦୋକାନ ପରିବର୍ତ୍ତେ ପୁରୀ ବେଳାଭୂମିରେ ସରକାର ଭଜନ ଓ



କୀର୍ତ୍ତନ ଆଦି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏଥିପାଇଁ ଶଙ୍କରାଚାର୍ଯ୍ୟ ସତର୍କ କରାଇ ଦେଇଛନ୍ତି ।

## ନୂଆ ମଦ ଦୋକାନ ଖୋଲିବନି: ମନ୍ତ୍ରୀ

ଭୁବନେଶ୍ୱର, ୮/୮ (ଇମିସ): ଆସନ୍ତା ବର୍ଷରୁ ନୂଆ ଅବକାରୀ ନୀତି ଆଣିବାକୁ ଯୋଜନା କରୁଛନ୍ତି ରାଜ୍ୟ ସରକାର। ରାଜ୍ୟରେ ନୂଆ ମଦଦୋକାନ ଆଉ ଖୋଲିବ ନାହିଁ ବୋଲି ସଂକେତ ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଦିନକୁ ଦିନ ଚୋରା ମଦ କାରବାର ବଢୁଛି। ଏହାକୁ ରୋକିବାକୁ ସରକାରଙ୍କ ଆଭିମୁଖ୍ୟକୁ ନେଇ ଚୋରାମଦ ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି। ଅବକାରୀ ମନ୍ତ୍ରୀ କହିଛନ୍ତି ନୂଆ ଅବକାରୀ ନୀତିରେ ପରିବର୍ତ୍ତନ ଅଣାଯିବ। ଚୋରା ମଦ କାରବାର ବନ୍ଦ କରିବାକୁ ଯୋଜନା କରାଯାଇଛି। ଏପରିକି ଲଟେରି ମାଧ୍ୟମରେ ଲାଇସେନସ୍ ପ୍ରଦାନରେ ବି ପରିବର୍ତ୍ତନ ହୋଇପାରେ। ରାଜ୍ୟ ସରକାର ଏମ୍‌ଜିକ୍ୟୁ ନ ବଢ଼ାଇ କମାନ୍ତୁ ଏବଂ ରାଜ୍ୟକୁ ନିଶାମୁକ୍ତ କରିବାକୁ ମଧ୍ୟ ଦାବି ହେଉଛି।

ବି.ଦ୍ର.: ୧) ଦୟାକରି ସମସ୍ତ ସାଥୀ ନିଜ ନିଜ ଅଂଚଳର ବିଧାୟକଙ୍କୁ ଏହି ପତ୍ରିକାଟିକୁ ଦେବା ସହ ଏଥି ନିମନ୍ତେ ସହଯୋଗ କରିବାକୁ ନିବେଦନ କରନ୍ତୁ ।
୨) ରାଜ୍ୟ ବ୍ୟାପୀ ଆରମ୍ଭ ହୋଇଥିବା ଦସ୍ତଖତ ଅଭିଯାନରେ ସାମିଲ ହୋଇ 'ମଦମୁକ୍ତ ଓଡ଼ିଶା'ର ସଫଳତା ନିମନ୍ତେ ସହଭାଗୀ ହୁଅନ୍ତୁ ।

**ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ**
**Milita Odisha Nisha Nibaran Abhijan**
*(Regd. Under The Indian Trust Act - 1882 vide Regn. No. 1081603503)*
H.O.: Plot No. 853/1431, Madhusudan Nagar, Unit- 4, (Pragati Nursing Home- 2nd Floor)
BHUBANESWAR- 751001, (ODISHA)
E-mail : monnaodisha@gmail.com Tel. : 0674-2390210 Web site : www.monnaodisha.org

Ref. No.: MONNA/2024-25/447 Date : ୩୦-୭-୨୦୨୪

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମହୋଦୟଙ୍କୁ ।

ବିଷୟ :- ରାଜ୍ୟରେ ନୂଆ ମଦ ଦୋକାନ [illegible]

ମହାଶୟ,

[illegible]

Regd. Office : F - 17 (Part-I), BJB Nagar, Bhubaneswar- 751014, Dist. : Khurda, Odisha

# ଚିଠିସହ ମଦ ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ "ମୋନା"ର ସଭାପତି ପଦ୍ମଚରଣ ନାୟକ

ଭୁବନେଶ୍ୱର,୩୧।୭(ନି.ପ୍ର.): ମଦମୁକ୍ତ ଓଡ଼ିଶା ପାଇଁ 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ' ର ସଭାପତି ପଦ୍ମଚରଣ ନାୟକ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ତାଙ୍କ ବିଧାନସଭା କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭେଟି ବିସ୍ତୃତ ଆଲୋଚନା କରିଛନ୍ତି । ବିଜେଡି ସରକାର ଦ୍ୱାରା ୨୦୨୪ ଏପ୍ରିଲରୁ ଯେଉଁ ସବୁ ମଦ ଦୋକାନକୁ ବର୍ଷକ ପାଇଁ ଲାଇସେନ୍ସ ଦିଆଯାଇଥିଲା ତହିଁରୁ କେତେକ ସର୍ବ ନିମ୍ନ ଗ୍ୟାରେଣ୍ଟି ପରିମାଣ ମଦ ବିକ୍ରି କରି ନ ପାରିବାରୁ ସେମାନଙ୍କ ଲାଇସେନ୍ସ ବାତିଲ କରାଯାଇଥିଲା । ସେଇ ସ୍ଥାନରେ ପଣି ମଦ ଦୋକାନ ଖୋଲିବା ଲାଗି ସମ୍ପୃକ୍ତ ଜିଲାପାଳମାନେ ଜୁଲାଇ ୩୧ରେ ନିଲାମ ଡାକିଛନ୍ତି ।ରାଜ୍ୟ ବିଜେପି ୨୦୨୯ ମଧ୍ୟରେ ରାଜ୍ୟକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବ ବୋଲି ନିର୍ବାଚନ କାଳୀନ ସଂକଳ୍ପପତ୍ରରେ ପ୍ରକାଶ କରିଥିବା ଯୋଗୁଁ ରାଜ୍ୟରେ ପୂର୍ବୋକ୍ତ ସ୍ଥାନରେ ନୂଆ ମଦ ଦୋକାନ ନ ଖୋଲିବା ଲାଗି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଭାପତି ଶ୍ରୀ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଗତକାଲି ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଏଥିରେ ସହମତି ପ୍ରକାଶ କରି ଏହାର ବିଚାର କରିବେ ବୋଲି ସକରାମକ ମତ ପୋଷଣ କରିଥିଲେ।

# ବେଳାଭୂମିରେ ପ୍ରସ୍ତାବିତ ମଦ କୁଡ଼ିଆ ଯୋଜନାକୁ ପ୍ରତ୍ୟାହାର ଦାବି



ବେଳାଭୂମିରେ ମଦ କୁଡ଼ିଆ ଯୋଜନା ନିଷ୍ପତ୍ତିକୁ ବିରୋଧକରି ବୁଧବାର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଉଛି।

**ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)**

### ଏକାଠି ହେଲେ ୫୦ରୁ ଊର୍ଦ୍ଧ୍ୱ ସଙ୍ଗଠନ

ରାଜ୍ୟ ସରକାରଙ୍କ ଦ୍ୱାରା ବେଳାଭୂମିରେ ମଦ କୁଡ଼ିଆ ନିର୍ମାଣ ନିଷ୍ପତ୍ତିକୁ ବିରୋଧ କରି ୫୦ରୁ ଊର୍ଦ୍ଧ୍ୱ ସଙ୍ଗଠନ ତୀର୍ଥକ୍ଷେତ୍ର ସୁରକ୍ଷା ମିଳିତ ମଞ୍ଚ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ସମୂହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏଥିସହ ସଚେତନତା ରାଲି କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚର ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ପଦଯାତ୍ରା ଓ ଲୋକ ସଚେତନତା ବାର୍ତ୍ତା ଦେଇ ଶ୍ରୀମନ୍ଦିର ଠାରୁ ଗାନ୍ଧୀଘାଟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଭେଟି ତୀର୍ଥକ୍ଷେତ୍ର, ପୁରୀ ବେଳାଭୂମିରେ ସରକାରଙ୍କ ପ୍ରସ୍ତାବିତ ମଦ କୁଡ଼ିଆ ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରିବା ନିମନ୍ତେ ଗଣ ଦାବିପତ୍ର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକ, ରାଜେଶ ମିଶ୍ର, ବଦ୍ରି ମିଶ୍ର, ମନୋଜ ରଥ, ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ମଧୁସୂଦନ ମିଶ୍ର, ସୂର୍ଯ୍ୟନାରାୟଣ ରଥ, ହେକ୍ଟର ମିଶ୍ର, ସୁକାନ୍ତ ପଣ୍ଡା, ପ୍ରଦ୍ୟୁମ୍ନ ମିଶ୍ର, ବିଲ୍ଲୁ ତ୍ରିପାଠୀ, ବିଶ୍ୱଜିତ୍ ପ୍ରଧାନ, ଦେବାଶିଷ ଦାସ, ଶିବ ସୁନ୍ଦର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।



ଜୁନ୍ ୩୦ତାରିଖ ଦିନ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ବିଜେପି ଦଳର ସମ୍ବର୍ଦ୍ଧନା ସ୍ଥଳରେ "ମୋନା" ସ୍ୱେଚ୍ଛାସେବୀଙ୍କର ସାଙ୍କେତିକ ପ୍ରଦର୍ଶନକୁ ଅଟକାଇବା ଆଳରେ ୩ ଘଂଟା ପାଇଁ ଖାରବେଳନଗର ଥାନାରେ ଅଟକ ରଖାଗଲା

# ମଦ ଦୋକାନ ନିଲାମ ବିରୋଧରେ ଗଣଧାରଣା



ରାଜ୍ୟରେ ନୂଆମଦଦୋକାନ ନଖୋଲିବା ଦାବିରେ "ମୋନା" ପକ୍ଷରୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କଟକ,୩୧।୭(ଇମିସ): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଓ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଟକ ଜିଲ୍ଲାରେ ୩୯ଟି ଦେଶୀ ଓ ବିଦେଶୀ ମଦ ଦୋକାନ ଖୋଲିବା ନିଷ୍ପତ୍ତି ବିରୋଧରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୂଆ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ଜିଲ୍ଲପାଳ ତୁରନ୍ତ ବନ୍ଦ କରନ୍ତୁ ବୋଲି ଦାବି କରାଯାଇଛି। ଦୁଇ ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ ଯେତେ ସବୁ ଅପରାଧ ଓ ଦୁର୍ଘଟଣା ଘଟୁଛି ତାହା ମୂଳରେ ନିଶା ଏକ ପ୍ରମୁଖ କାରଣ। ନୂଆ ସରକାର ଆସୁ ଆସୁ ନୂଆ ଦୋକାନ ଖୋଲିବା ପାଇଁ ନିଲାମ ପ୍ରକ୍ରିୟା ଆରମ୍ଭ ହେବା ଘଟଣା ଓଡିଶାର ଜନସାଧାରଣଙ୍କୁ ହତୋତ୍ସାହ କରିଛି। ଏହି ପ୍ରତିବାଦ ସଭାରେ ରେଣୁକା ସାହୁ, ମଳୟ ତ୍ରିପାଠୀ, ରମାକାନ୍ତ ମଣ୍ଡଳ, ପ୍ରିୟନାଥ ଆଚାର୍ଯ୍ୟ, କାହ୍ନୁ ଚରଣ ବେହୁରା, ଡକ୍ଟର ବିଜୟ ସ୍ୱାଇଁ, ଇନ୍ଦୁମତି ସାହୁ, ଖିରେଶ୍ୱର ବଳ, କବିତାରାଣୀ ପରିଡ଼ା, ରାଜଶ୍ରୀ ବିଶ୍ୱାଳ, ଗୀତାଞ୍ଜଳି ସ୍ୱାଇଁ, ସ୍ନେହାଂଶୁ ଜେନା, ଦୁର୍ଗା ପ୍ରସାଦ ଦାଶ, ଅର୍ଜ୍ଜୁନ ସାମନ୍ତରାୟ, ଦୁଷ୍ମନ୍ତ ଜେନା, ସୌମ୍ୟରଞ୍ଜନ ପ୍ରଧାନ, ଦେବେନ୍ଦ୍ର କୁମାର ପରିଡା, ମାଳତୀ ପାତ୍ର, ବିଜୟଲକ୍ଷ୍ମୀ ମହାପାତ୍ର, ଗୋବିନ୍ଦ ଓଝା, ବନ୍ଦିତା ଦାସ, ରାକେଶ ନାୟକ, ଅତିସ ରାଉତ, ପ୍ରଶାନ୍ତ ପଢ଼ିହାରୀ, ଶୁଭେନ୍ଦୁ ରାଉତରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ।



୧୭ ଅଗଷ୍ଟ ୨୦୨୪ ଦିନ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ "ମୋନା" ଜିଲ୍ଲା କମିଟି ପକ୍ଷରୁ ନୂଆ ମଦ ଦୋକାନ ନଖୋଲିବା ସହ 'ମଦମୁକ୍ତ ଓଡ଼ିଶା' ଦାବି ନେଇ ଗଣଧାରଣା ।

# ନିଶାମୁକ୍ତ ଓଡ଼ିଶା : ସୁଭଦ୍ରାଙ୍କ ଲାଗି ଆହ୍ୱାନ

ସୁଭଦ୍ରା ଯୋଜନାରେ ଓଡ଼ିଶାର କୋଟିଏରୁ ଅଧିକ ମହିଳାଙ୍କୁ ସାମିଲ କରି ସେମାନଙ୍କୁ ୫ବର୍ଷରେ ଜଣ ପିଛା ୫୦ ହଜାର ଟଙ୍କା କରି ସରକାର ଦେବେ। ଖୋଦ୍ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଦେଶରେ କୋଟି କୋଟି ଲକ୍ଷପତି ଦିଦି ସୃଷ୍ଟି କରିବାର ଯେଉଁ ନିର୍ବାଚନୀ ଘୋଷଣା କରାଯାଇଥିଲା ତାହାକୁ ଓଡ଼ିଶା ଶାଖା ବିଜେପି ତା'ର ସଙ୍କଳ୍ପ ପତ୍ରରେ ରାଜ୍ୟର ସବୁ ମହିଳାଙ୍କୁ ୫୦ ହଜାର ଟଙ୍କା କରି ଦେବ ବୋଲି ଉଲ୍ଲେଖ କରିଥିଲା। ଏହି ଯୋଜନାରେ ସାମିଲ ହେବା ପାଇଁ ଗାଁରୁ ସହର ପର୍ଯ୍ୟନ୍ତ ମହିଳାମାନେ ଦିନଦିନ ଧରି ସଂଘର୍ଷ ଜାରି ରଖିଛନ୍ତି। ସମାଜଶାସ୍ତ୍ରୀ ଓ ଅର୍ଥନୀତି ବିଶେଷଜ୍ଞମାନେ କହୁଛନ୍ତି ଯେ ସାମାଜିକ ବ୍ୟବସ୍ଥା ଏବଂ ଅର୍ଥନୀତି ପରିବର୍ତ୍ତନ କ୍ଷେତ୍ରରେ ସୁଭଦ୍ରା ଦିଦିମାନେ ଏହି ଯୋଜନାକୁ ସୁଦର୍ଶନ ଚକ୍ର ପରି ବ୍ୟବହାର କରିପାରିଲେ ବହୁ ସମସ୍ୟାର ସମାଧାନ ହୋଇପାରିବ, ନହେଲେ ଏହା ବହୁ ବିଫଳ ଯୋଜନାର ତାଲିକାରେ ଯୋଗ ହେବ।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେର ଏକ ରିପୋର୍ଟ ଅନୁଯାୟୀ ପ୍ରତି ୩ଜଣରେ ୨ଜଣ ମହିଳା ହିଂସାର ଶିକାର ହେଉଛନ୍ତି। ଏମିତିକି ବହୁ ମହିଳା ଓ ବାଳିକା ନିଜ ପରିବାର ଓ ପରିଜନଙ୍କ ଭିତରେ ବି ସୁରକ୍ଷିତ ନାହାନ୍ତି। ନିର୍ଭୟାରୁ ଅଭୟା, ଛବିରାଣୀରୁ ନୈନା ସାହାଣୀ ଏବଂ ପିପିଲିରୁ କୁହୁଲି ପର୍ଯ୍ୟନ୍ତ ପୀଡ଼ିତାଙ୍କ କାହାଣୀ ଏଯାବତ୍ ଆମ ସମାଜର ଆତ୍ମାକୁ ଦୋହଲାଇବା ଭଳି ମନେ ହେଉନାହିଁ। ରାତି ଅଧରେ ଜଣେ ଯୁବତୀ କୌଣସି ସ୍ଥାନରୁ ନିରାପଦରେ ଯେବେ ଫେରିଆସିବ ସେବେ ପ୍ରକୃତ ସ୍ୱରାଜ ମିଳିବ ବୋଲି ସ୍ୱାଧୀନତା ସଂଗ୍ରାମର ଘୋଷିତ ପ୍ରତିଶ୍ରୁତି ଥିଲା। ଏହା ଏବେ ବି ପ୍ରତିଶ୍ରୁତି ହୋଇ ରହିଯାଇଛି।

ଗାଁ ଗହଳରେ ମା'ମାନେ ଏବେ ବି ଘରର ବ୍ୟବହାର ପାଇଁ ଦୂର ଦୂରାନ୍ତରୁ ପାନୀୟ ଜଳ ସଂଗ୍ରହ କରନ୍ତି। ସେମାନେ କିନ୍ତୁ କଣା ମାଠିଆରେ ପାଣି ରଖନ୍ତି ନାହିଁ। ସେହିଭଳି ଚାଷୀ ଜମିର ହିଡ଼କୁ ମଜବୁତ କରି ସେଥିରେ ପାଣି ସଞ୍ଚୟ କରେ। ଏଥିରେ ଯଦି ଘଳିଆ ରୁହେ ତେବେ ବିଲ ଶୁଖିଲା ହୋଇଯିବ ଓ ଶସ୍ୟ ମରିଯିବ। ସେହିଭଳି ବ୍ୟକ୍ତିମାନଙ୍କୁ ନେଇ ପରିବାର, ପରିବାରଗୁଡ଼ିକୁ ନେଇ ସମାଜ, ରାଜ୍ୟ, ରାଷ୍ଟ୍ର ଆଦି ଗଠିତ ହେଉଥିବା ବେଳେ ତଳୁ ଉପର ପର୍ଯ୍ୟନ୍ତ କୌଣସି ସ୍ତରରେ ଘଳିଆ ରହିଲେ ବା ଦୁର୍ନୀତି, ଭ୍ରଷ୍ଟାଚାର, ଆଳସ୍ୟ ବ୍ୟାପିଲେ ସାମାଜିକ, ଆର୍ଥିକ, ରାଜନୈତିକ, ପ୍ରଶାସନିକ ବ୍ୟବସ୍ଥା ଆଦି ଦୁର୍ବଳ ହୋଇପଡ଼େ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ବହୁ ସଦସ୍ୟା ବିଭିନ୍ନ ସମୟରେ ମଦମୁକ୍ତି ଅଭିଯାନରେ ସାମିଲ ହୋଇ ଅନେକ ମଦଭାଟି ଭାଙ୍ଗିଛନ୍ତି, ମଦୁଆଙ୍କୁ ସାବାଡ଼ କରିଛନ୍ତି। ପରିବାର ଓ ରାଜ୍ୟକୁ ସୁଧାରିବା ପାଇଁ ମହିଳାମାନଙ୍କର ଏହା ଏକ ପ୍ରଶଂସନୀୟ ପଦକ୍ଷେପ ହୋଇଥିଲେ ମଧ୍ୟ ଏଥିରେ ରାଜ୍ୟ ଓ ରାଷ୍ଟ୍ରର ଯେପରି ସହଯୋଗ ମିଳିବା କଥା ତାହା ମିଳିପାରି ନାହିଁ।

କେବଳ ସେତିକି ନୁହେଁ, ନିଶାର ପ୍ରସାର ଯୋଗୁ ରୋଗ ବ୍ୟାଧି ବଢ଼ିବା ସହିତ ଦୁର୍ଘଟଣା, ଆତ୍ମହତ୍ୟା, ଅପରାଧ ଆଦି ମଧ୍ୟ ବଢ଼ିବଢ଼ି ଚାଲିଛି। ଏଥିଯୋଗୁ କୋଟିକୋଟି ଶ୍ରମ ଦିବସ ନଷ୍ଟ ହେବା ସଙ୍ଗେ ସଙ୍ଗେ ଅନେକ ପରିବାର ଉଜୁଡ଼ି ଯାଇଛି। ଭାରତ ସରକାର ୨୦୨୩ ଡିସେମ୍ବର ମାସରେ ପ୍ରକାଶ କରିଥିବା ଏନ୍‌ସିଆରବି ରିପୋର୍ଟର ତଥ୍ୟ ମୁତାବକ ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ସମଗ୍ର ଦେଶର ଆଇନ୍ ଅଦାଲତଗୁଡ଼ିକରେ ମହିଳାମାନଙ୍କ ପ୍ରତି ଘଟୁଥିବା ୨୧,୮୪,୭୬୯ଟି ଅପରାଧିକ ମାମଲା ବିଚାରାଧୀନ ଥିଲା ବେଳେ ଏହି ବର୍ଷରେ ମାତ୍ର ୭.୭ ପ୍ରତିଶତ ମାମଲା ଫଇସଲା ହୋଇଛି। ସେହିଭଳି ଓଡ଼ିଶାରେ ୨୦୨୨ ଶେଷବେଳକୁ ୧,୬୯,୫୭୨ଟି ମହିଳାଙ୍କ ପ୍ରତି ଅପରାଧ ମାମଲା ବିଚାରାଧୀନ ଥିଲା। ଏହି ବର୍ଷରେ ଓଡ଼ିଶାରେ ମାତ୍ର ଏଭଳି କିସମର ୪.୨ ପ୍ରତିଶତ ମାମଲା ଫଇସଲା ହୋଇଥିବା ବେଳେ ଦଣ୍ଡବିଧାନ ହାର ଥିଲା ୯.୨ ପ୍ରତିଶତ। କେବଳ ସେତିକି ନୁହେଁ, ଓଡ଼ିଶା ସରକାରଙ୍କ ହିସାବ ମୁତାବକ ପ୍ରତିଦିନ ହାରାହାରି ୮ଟି ବଳାତ୍କାର ମାମଲା ଆମ ରାଜ୍ୟରେ ରୁଜୁ ହେଉଛି। ବିଭିନ୍ନ କାରଣରୁ ରୁଜୁ ହେଉନଥିବା ମାମଲା ସଂଖ୍ୟା ଏହାଠାରୁ ଢେର ଅଧିକ। ନିଶା ସକଳ ଦୁଷ୍କୃତି ଓ ଅପରାଧର ଜନନୀ। ଏ ପରିପ୍ରେକ୍ଷୀରେ ଓଡ଼ିଶାକୁ ମଦମୁକ୍ତ କରିବା ପାଇଁ ୨୦୨୪ ନିର୍ବାଚନ ପରିପ୍ରେକ୍ଷୀରେ ବିଜେପି ଯେଉଁ ସଙ୍କଳ୍ପ ପତ୍ର ଜାରି କରିଥିଲା ତାହା ସରକାର ଗଠନର ୧୦୦ ଦିନ ମଧ୍ୟରେ କେତେଦୂର କାର୍ଯ୍ୟକାରୀ ହୋଇଛି ସେଥିଘେନି ଅଧିକ ଆଲୋଚନା ହେବା ଆବଶ୍ୟକ। ଏ କ୍ଷେତ୍ରରେ ମଦମୁକ୍ତ ଓଡ଼ିଶା ଗଠନ ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ୍ ହୋଇ ସଂଗ୍ରାମ କରିବାର ଯେଉଁ ସୁଯୋଗ ଆସିଛି ସେଥିରେ ସୁଭଦ୍ରା ଦିଦିମାନେ ନେତୃତ୍ୱ ନେବା ଆବଶ୍ୟକ।

ରାଜ୍ୟ ସରକାରଙ୍କ ଯୁବନୀତିରେ ଆଲ୍‌କହଲ ମୁକ୍ତ ଗ୍ରାମ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଥିଲା।



କିନ୍ତୁ ୨୦୧୩ରେ ଏହି ଯୁବନୀତି ପ୍ରଣୀତ ହେବା ପରଠାରୁ ନିଶାର ପ୍ରସାର ବଢ଼ିଛି ସିନା କମିନାହିଁ। ଗୋଟିଏ ପଟେ ସରକାର ଲାଇସେନ୍ସ ଦେଇ ଅପରାଧ ଓ ଦୁଷ୍କୃତିର ଜନନୀ ସୁରାଦେବୀଙ୍କୁ ଆବାହନ କରୁଥିବା ବେଳେ ସେଥିରେ ସବୁଠାରୁ ବିପନ୍ନ ହୋଇପଡୁଛନ୍ତି ମହିଳା ଓ ଶିଶୁମାନେ। କୁହାଯାଉଛି କୁଆଡ଼େ ମଦରୁ ମିଳୁଥିବା ରାଜସ୍ୱ ଆମ ବିକାଶର ରଥକୁ ଆଗେଇ ନେଉଛି। ଓଡ଼ିଶାର ବାର୍ଷିକ ବଜେଟ୍ ୨ଲକ୍ଷ ୬୫ ହଜାର କୋଟି ଟଙ୍କାରୁ ଅଧିକ ଥିବାବେଳେ ଚଳିତବର୍ଷ ଅବକାରୀରୁ ୮,୬୮୦ କୋଟି ଟଙ୍କାର ରାଜସ୍ୱ ମିଳିବ ବୋଲି ସରକାରଙ୍କ ବର୍ଦ୍ଧିତ ଅଟକଳ ରହିଛି। ଏହା ରାଜ୍ୟକୁ ମଦମୁକ୍ତ କରିବ ନା ମଦର ପ୍ରସାର କରିବ, ତାହା ସମସ୍ତଙ୍କୁ ଜଣା। ନିଶାର ପ୍ରସାର ଯୋଗୁ ବ୍ୟକ୍ତି, ପରିବାର, ସମାଜ, ରାଜ୍ୟ ଓ ରାଷ୍ଟ୍ରର କ୍ଷତି ପରିମାଣ ଯେ ଅବକାରୀ ରାଜସ୍ୱର ଶହେ ଗୁଣାରୁ ଅଧିକ ତାହା ମନେ ରଖିବାକୁ ହେବ।

୧୯୯୦ ବେଳକୁ ଓଡ଼ିଶାର ଅବକାରୀ ରାଜସ୍ୱ ୩୭ କୋଟି ଟଙ୍କାରୁ କମ୍ ଥିଲା। ୨୦୦୦ ବେଳକୁ ଏହା ବଢ଼ିବଢ଼ି ପ୍ରାୟ ୧୩୫ କୋଟି ଟଙ୍କାରେ ପହଞ୍ଚିଥିଲା। ୨୦୧୪-୧୫ ବେଳକୁ ଓଡ଼ିଶାର ଅବକାରୀ ରାଜସ୍ୱ ୨,୦୩୮ କୋଟି ଟଙ୍କା ଥିବାବେଳେ ୨୦୨୩-୨୪ରେ ତାହା ୭,୨୧୬ କୋଟି ୯୯ଲକ୍ଷ ଟଙ୍କାରେ ପହଞ୍ଚିଛି। ୨୦୨୪-୨୫ ବର୍ଷରେ ଓଡ଼ିଶା ସରକାର ୮,୬୮୦ କୋଟି ଟଙ୍କାର ଅବକାରୀ ରାଜସ୍ୱ ସଂଗ୍ରହ କରିବାକୁ ଯାଉଥିବା ବେଳେ ମଦ, ମଦୁଆ ଓ ନିଶା ଜନିତ ଅପରାଧ ଯେ ବୃଦ୍ଧି ପାଇବ ଏଥିରେ ସନ୍ଦେହ ନାହିଁ। ସରକାରୀ ମଦ ହେଉ କି ଚୋରା ମଦ ହେଉ, ଉଭୟ ଯେ ବ୍ୟକ୍ତି, ସମାଜ, ରାଜ୍ୟ ଓ ରାଷ୍ଟ୍ର ପାଇଁ କ୍ଷତିକାରକ ତାହା ସରକାର ବୁଝି ବି ଅବୁଝା। ସରକାର ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ବନ୍ଦ କରିଦେଲେ ଚୋରା ନିଶା ବଢ଼ିଯିବ ବୋଲି ଯେଉଁମାନେ ବିତଣ୍ଡା ଯୁକ୍ତି କରୁଛନ୍ତି ସେମାନେ ଯେ ଚୋରା ନିଶା ବେପାରୀଙ୍କ ଭଳି ଅପରାଧୀଙ୍କ ନିକଟରେ ଆତ୍ମସମର୍ପଣ କରୁଛନ୍ତି ଏହା ମନେ ରଖିବା ଆବଶ୍ୟକ। ଆଉ ଯେଉଁମାନେ କହୁଛନ୍ତି, ଧୀରେ ଧୀରେ ନିଶା ନିବାରଣ ହେବ ସେମାନେ ନିଶା ଯୋଗୁ ନିର୍ଯାତିତା ନାରୀମାନଙ୍କ ଯାତନା ଅନୁଭବ କଲେ ଏଭଳି ନିର୍ଲଜ ଯୁକ୍ତି ବାଢ଼ନ୍ତେ ନାହିଁ। କୌଣସି ଅଞ୍ଚଳରେ ଯଦି ଅପରାଧ ବଢ଼ିଯାଏ ସେଠାରେ ଅପରାଧୀଙ୍କୁ ଅପରାଧ ଘଟାଇବା ପାଇଁ ସରକାର ଲାଇସେନ୍ସ ନଦେଇ ଅପରାଧ ନିୟନ୍ତ୍ରଣ ଲାଗି ପଦକ୍ଷେପ ନେବା ଆବଶ୍ୟକ।

କେନ୍ଦ୍ର ସରକାର ଦେଶର ୨୭୨ଟି ଜିଲ୍ଲାରେ ମଦମୁକ୍ତ ଭାରତ ଅଭିଯାନ ଚଳାଉଥିବା ବେଳେ ଓଡ଼ିଶାର ୩୦ଟି ଯାକ ଜିଲ୍ଲାକୁ ଏଥିରେ ସାମିଲ କରାଯାଇ ବ୍ୟାପକ ଅର୍ଥ ଖର୍ଚ୍ଚ ହେଉଛି। ଗୋଟିଏ ପଟେ ସବୁ ଜିଲ୍ଲାରେ ସରକାର ମଦମୁକ୍ତ ଭାରତ ଅଭିଯାନ ଚଳାଉଥିବା ବେଳେ ଅନ୍ୟପଟେ ସେହିସବୁ ଜିଲ୍ଲାମାନଙ୍କରେ ମଦ ଓ ଅନ୍ୟାନ୍ୟ ନିଶାର ପସରା ବଢ଼ାଇ ଚାଲିବାରେ ମାଧ୍ୟମ ସାଜୁଛନ୍ତି। ସୁଭଦ୍ରା ଦିଦିମାନେ ୫ବର୍ଷରେ ଯେଉଁ ୫୦ ହଜାର ଟଙ୍କାର ସହାୟତା ପାଇବେ ତାହାକୁ ପରିବାରର ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଲଗାଇଲେ ରାଜ୍ୟ ତଥା ଦେଶର ଅର୍ଥନୀତି କେତେକାଂଶରେ ସମୃଦ୍ଧ ହେବ। କିନ୍ତୁ ମଦୁଆ ସ୍ୱାମୀ ଓ ମାତାଲ ପୁଅ ଯେଭଳି ପରିବାରରେ ଅତ୍ୟାଚାର ଘଟାଇ ମଦ ପିଇବା ପାଇଁ ମାଗଣା ଚାଉଳ ସମେତ ଭତ୍ତା ଟଙ୍କା ଓ ପେନ୍‌ସନ୍ ପଇସା ଆଦି ଛଡ଼ାଇ ନେବା ସହ ଆକ୍ରମଣ ଓ ହତ୍ୟା ଆଦି ଅପରାଧ ଘଟାଇବାକୁ କେତେକ କ୍ଷେତ୍ରରେ ପଛାଉ ନାହାନ୍ତି ସେଥିପ୍ରତି ସଜାଗ ନରହିଲେ ବସ୍ତୁତଃ ସୁଭଦ୍ରା ଦିଦିମାନେ ସ୍ୱାବଲମ୍ବୀ ହେବା ପରିବର୍ତ୍ତେ ବହୁ ବିପଦର ସମ୍ମୁଖୀନ ହେବେ।

ମହିଳାମାନଙ୍କୁ ଯେତେ ଅଧିକ ସଶକ୍ତ କରାଯିବ, ଯୁବକମାନଙ୍କ ସବଳ ହାତକୁ ଯେତେ ଅଧିକ ଭଲ କାମରେ ଲଗାଯିବ ରାଜ୍ୟ ସେତେ ସମୃଦ୍ଧ ହେବ। ଏ ପରିପ୍ରେକ୍ଷୀରେ କେବଳ ସୁଭଦ୍ରା ଯୋଜନାରେ ଟଙ୍କା ବାଣ୍ଟିଦେଲେ ହେବନାହିଁ, ସୁଭଦ୍ରା ଦିଦିମାନଙ୍କ ସୁରକ୍ଷା ପାଇଁ ପ୍ରଭୁ ସୁଦର୍ଶନଙ୍କ ଆବାହନ କରିବା ଆବଶ୍ୟକ। ନହେଲେ କଣା ମାଠିଆର ପାଣି ଖାଲି ହୋଇଯିବା ଭଳି ସୁଭଦ୍ରା ଓ ମିଶନଶକ୍ତି ଦିଦିମାନଙ୍କ ଶ୍ରମ ଓ ଶକ୍ତି ନଷ୍ଟ ହେବାର ଆଶଙ୍କା ଅଧିକ। ଉଭୟ ସରକାର ଓ ସମାଜ ଏ ଦିଗରେ ସତର୍କ ରହିବା ସଙ୍ଗେ ସଙ୍ଗେ ସ୍ୱାବଲମ୍ବୀ ସୁଭଦ୍ରାମାନଙ୍କୁ ପ୍ରୋତ୍ସାହିତ କଲେ ସମୃଦ୍ଧି ସହଜରେ ମିଳିପାରିବ।

ପ୍ରହଲ୍ଲାଦ ସିଂହ
● ମୋ: ୯୪୩୭୦୧୭୩୯୫

## ଅନୁଗୁଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ "ମୋନା" ତରଫରୁ ମଦମୁକ୍ତ ଓଡ଼ିଶା ପାଇଁ ଗଣଧାରଣା

ଅନୁଗୁଳ, ୨୯।୮(ଇମିସ):ମଦ ବିରୋଧରେ ସଂଗ୍ରାମ କରୁଥିବା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ରାଜ୍ୟ ସରକାର ସମସ୍ତ ମଦ ଦୋକାନ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି , ମଦ ପାଇଁ ଚୋରି, ଡକାୟତି ସହ ବିଭିନ୍ନ ଅପରାଦ ବୃଦ୍ଧି ପାଉଛି। ଏଣୁ ମଦ ବନ୍ଦ କରି ଦିଆଗଲେ ରାଜ୍ୟର ଉନ୍ନତି ହେବା ସହ ଶାନ୍ତି ଫେରି ଆସିବ। ଏହି ଗଣଧାରଣାରେ ରାଜ୍ୟ କମିଟି ସଦସ୍ୟ ମଳୟ ତ୍ରିପାଠୀ, ଶୁଭେନ୍ଦୁ ରାଉତରାୟ, ଇନ୍ଦୁମତୀ ସାହୁ, ରମାକାନ୍ତ ମଣ୍ଡଳ, ଶିବରାମ ମିଶ୍ର, ମୁରଲୀଧର ମୂଳିଆ, ରାଜଶ୍ରୀ ମହାନ୍ତି,ରଂଜିତା ନାୟକ, ସରୋଜ ଶତପଥୀ, କ୍ରିଷ୍ଣା ମହାନ୍ତି, ତପନ ପ୍ରଧାନ, ଡ. କୁଳମଣି ନାୟକ, ବାମଦେବ ପରିଡ଼ା, ଭାରତୀଲତା ନାୟକ, ଲକ୍ଷ୍ମିପ୍ରିୟା ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ନିଶା ନିବାରଣ ଆଇନ ଲାଗୁ ଦାବି ସହ 'ମଦମୁକ୍ତ ଓଡ଼ିଶା' ପାଇଁ "ମୋନା" ସମ୍ବଲପୁର ଜିଲ୍ଲା କମିଟି ତରଫରୁ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ

ସମ୍ବଲପୁର, ୨୯।୮ (କାର୍ଯ୍ୟାଳୟ): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ସମ୍ବଲପୁର ଜିଲା ଶାଖା ପକ୍ଷରୁ ଜିଲା ତଥା ରାଜ୍ୟରେ ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନ ଲାଗୁ କରିବା ସକାଶେ ଦାବି କରାଯାଇଛି। ନିଶା ବ୍ୟବହାର ରାଜ୍ୟର ଆର୍ଥିକ, ସାମାଜିକ, ସାଂସ୍କୃତିକ ଜନଜୀବନକୁ ଧ୍ୱଂସ କରୁଛି। ମଦର ପ୍ରଚାର ପ୍ରସାରକୁ ବିରୋଧ କରି ରାଜ୍ୟରେ ଆଇନ ୧୯୬୫ ମସିହାରୁ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ସମୟରେ ପ୍ରଣୀତ କରାଯାଇଥିଲେ ହେଁ ତାହାକୁ ଏଯାଏ ଲାଗୁ କରାଯାଇନଥିବାରୁ ନିଶା ନିବାରଣ ଅଭିଯାନ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ମୁଖ୍ୟରାସ୍ତାଠାରୁ



୫୦୦ ମିଟର ଦୂରରେ ମଦଦୋକାନ ସ୍ଥାପନ, ନୂଆଁ ଦୋକାନ ନଖୋଲିବା, ଚୋରା ମଦ ବ୍ୟବସାୟକୁ ଦୃଢ଼ ଭାବେ ବନ୍ଦ କରିବା, ମଦର ଆୟ ଉପରେ ବାର୍ଷିକ ଟାର୍ଗେଟ ଧାର୍ଯ୍ୟ ନକରିବା, ମଦର ବ୍ୟବସାୟ ସରକାର ପର୍ଯ୍ୟାୟକ୍ରମେ ବନ୍ଦ କରିବା ଆଦି ଦାବି ରହିଛି। ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଜୟ ସ୍ୱାଇଁ, କାର୍ତ୍ତିକ ପ୍ରସାଦ ବହିଦାର, ସନ୍ଦୀପ ଶ୍ରୀବାସ୍ତବ, ଚତୁର୍ଭୁଜ ଗର୍ଡ଼ିଆ ପ୍ରମୁଖ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳଙ୍କୁ ଦାବିପତ୍ର ଦେଇଥିଲେ।

## କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍‌ର 'ନିଶାମୁକ୍ତ ଗ୍ରାମ ହେବ କିତିବା'

ନନ୍ଦପୁର,୨୫ ।୮ (ନି.ପ୍ର): ନିଶା ସେବନଠାରୁ ଦୂରେଇ ରହିବା ପାଇଁ ନନ୍ଦପୁର ବ୍ଲକ ବାଡେଲ ପଞ୍ଚାୟତର କିତିବା ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ନନ୍ଦପୁର ବ୍ଲକ ଅଞ୍ଚଳର ୪ ଗ୍ରାମକୁ ନିଶାମୁକ୍ତ କରିଥିବା ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ତଥା ବୈଶାଖୀ ପରିବାର ସଦସ୍ୟଙ୍କ ସହାୟତା ଲୋଡ଼ି ଗ୍ରାମରେ ବୈଠକ ଅନୁଷ୍ଠିତ କରିଥିଲେ। ଗ୍ରାମବାସୀଙ୍କ ସର୍ବସମ୍ମତିକ୍ରମେ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି କରି ନିଶାଦ୍ରବ୍ୟ ବିକ୍ରି ବନ୍ଦ କରିବା, ସେବନରୁ ଦୂରେଇ ରହିବାକୁ ସଂକଳ୍ପ ନିଆଯାଇଛି। ଗ୍ରାମବାସୀଙ୍କ ଶ୍ରଦ୍ଧା, ନିଷ୍ଠା ଓ ଉତ୍କଣ୍ଠା ଦେଖି ବୈଠକରେ ଉପସ୍ଥିତ ସଂସଦ ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ଟୁନେସ ପାତ୍ର ପ୍ରମୁଖ ଗ୍ରାମବାସୀଙ୍କ ପ୍ରଶଂସା କରିଛନ୍ତି। ନିଶା ସେବନର ଭୟାବହତା ସମ୍ପର୍କରେ ବୁଝାଇ କିତିବା ଗ୍ରାମ ନିଶାମୁକ୍ତ ହେଲେ




ଆଗକୁ ବ୍ଲକର ଏକ ଆଦର୍ଶ ଗ୍ରାମ ଭାବେ ପରିଗଣିତ ହେବ ବୋଲି କହିଥିଲେ। ବୈଠକରେ ସ୍ୱର୍ଗତ କବି ବଳରାମ ପୂଜାରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ କାର୍ଯ୍ୟକାରୀ ସଭାପତି ଟୁନେସ ପାତ୍ର ବୈଶାଖୀ ପୁସ୍ତିକାରେ ପ୍ରକାଶିତ କବିଙ୍କ ଆଲେଖ୍ୟଗୁଡ଼ିକ ପଢ଼ି ଶୁଣାଇଥିଲେ। ବୈଠକରେ ଉପସ୍ଥିତ ଗ୍ରାମର ମୁଖିଆ, ନାୟକ, ବାରିକ ଚାଲାଣ, ଯୁବ ମହିଳା ଗୋଷ୍ଠୀ ଗ୍ରାମ ନିଶାମୁକ୍ତ ହେଲେ ତାହା ସ୍ୱର୍ଗତ କବିଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଗ୍ରାମର ଯୁବକ କୁନା ଚାଲାଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ପ୍ରସ୍ତୁତି ସମାବେଶ




ଆଳି, ୨୪/୯ (ଇମିସ): ଆଳି ବ୍ଲକ୍ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ସ୍ଥାନୀୟ ନ୍ୟାସନାଲ ଆଟିଆଇ ପରିସରରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ସଭାପତି ଲକ୍ଷ୍ମୀଧର ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଆବାହକ ବୀରେନ୍ଦ୍ର କୁମାର ପଣ୍ଡା ନିଶା ସେବନର କୁପରିଣାମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଗାମୀ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଏକ ନିଶା ନିବାରଣ ସଚେତନତା ଶୋଭାଯାତ୍ରାରେ ପାଇଁ ପ୍ରସ୍ତାବ ରଖିଥିଲେ। ସମାବେଶରେ ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳ ଯୋଗ ଦେଇ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଗୋବିନ୍ଦଚନ୍ଦ୍ର ନନ୍ଦ, ପ୍ରମୋଦ ମଲ୍ଲିକ, ରଞ୍ଜନ ଭୂୟାଁ, ପ୍ରଭାସ ଧଳ, ସନାତନ ସାହୁ, ମନୋଜ ବେହେରା, ଚନ୍ଦନ ମହାରଣା, ସୁହାନା ବେଗମ୍, ମଧୁସୂଦନ ଦାସ, ବିନୋଦ ଦାଶ, ଦେବାଶିଷ ମହାନ୍ତି, ସୁବାସ ଚନ୍ଦ୍ର ରାଉତ, କରୁଣାକର ତ୍ରିପାଠୀ, ଅକ୍ଷୟ ବାରିକ, ସୁଶାନ୍ତ ତରାଇ, ଅଶୋକ ବାରିକ ଓ ଅକ୍ଷୟ କରଣ ପ୍ରମୁଖ ନିଜନିଜର ବକ୍ତବ୍ୟ ରଖିଥିଲେ।

## ମଦମୁକ୍ତ ଓଡ଼ିଶା ପାଇଁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଜଗତ୍‌ସିଂହପୁର ଜିଲ୍ଲା କମିଟି ପକ୍ଷରୁ କଲେକ୍ଟରେଟ ସମ୍ମୁଖରେ ଧାରଣା




■ ଜଗତସିଂହପୁର,ତା୩୦ ।୮ (ପିଏନଏସ) ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ଜଗତସିଂହପୁର ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ତଥା ରାଜ୍ୟରେ ନିଶା ନିବାରଣ ଆଇନ ଲାଗୁ କରିବା ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଜିଲ୍ଲା କମିଟିର ଆବାହିକା ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଥାନା ଛକ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣାରେ ବସିଥିଲେ। ରାଜ୍ୟରେ ନିଶା ଦ୍ରବ୍ୟର ଅବାଧ କାରବାର ଯୋଗୁ ଯୁବ ସମାଜ ପଥଭ୍ରଷ୍ଟ ହେଉଛି। ଅନେକ ପରିବାର ସର୍ବସ୍ୱାନ୍ତ ହେଉଛନ୍ତି। ତେଣୁ ନିଶାମୁକ୍ତି ରାଜ୍ୟ ଗଠନ ପାଇଁ ବହୁ ଦିନରୁ ଦାବି ହେଉଥିବାବେଳେ ବର୍ତ୍ତମାନର ରାଜ୍ୟ ସରକାର ନିର୍ବାଚନୀ ମାନିଫେଷ୍ଟୋରେ ବିଜେପି ସରକାରକୁ ଆସିଲେ ନିଶାମୁକ୍ତ ଓଡିଶା ଗଠନ ପାଇଁ ନାରା ଦେଇଥିଲେ ।ମାତ୍ର ବିଜେପି ସରକାରକୁ ଆସିଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ।

ତେଣୁ ୧୯୫୬ ନିଶା ନିବାରଣ ନିୟମକୁ ଲାଗୁ କରିବା, ଏମଜିକ୍ୟୁ ନିୟମକୁ ହଟାଇବା ଓ ମୁଖ୍ୟ ରାସ୍ତାଠାରୁ ୫୦୦ମିଟର ଦୁରରେ ମଦ ଦୋକାନ ଖୋଲିବା, ପ୍ରଥମେ ଆମ ଅଞ୍ଚଳକୁ ନିଶାମୁକ୍ତ କରିବା,ଚୋରା ମଦ ବ୍ୟବସାୟକୁ ଦୃଢ ଭାବେ ବନ୍ଦ କରିବା,ଚୋରା ମଦକୁ ସହଯୋଗ କରୁଥିବା ମଦ ଦୋକାନର ଲାଇସେନ୍ସ ବାତିଲ କରିବା,ପ୍ରଚଳିତ ନିୟମକୁ କଡାକଡି ଭାବରେ ପାଳନ କରିବା,ମଦର ଆୟ ଉପରେ ପ୍ରତିବର୍ଷ ଆର୍ଥିକ ଟାର୍ଗେଟ ଧାର୍ଯ୍ୟ କରିବା,ମଦର ଉତ୍ପାଦନ ଓ ବ୍ୟବସାୟ ସରକାର ନ କରିବା ଆଦି ଦାବିକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମୁଖରେ ଧାରଣା ଦିଆଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଧାରଣାରେ ସମାଜସେବୀ ଗୋବିନ୍ଦ ଓଝା,ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ଗିରିଜା ପ୍ରସାଦ ନାୟକ,ଦେବୀପ୍ରସାଦ ମହାରଣା,ନାରୀ ନେତ୍ରୀ ମନୋରମା ଖଟୁଆ,ଅରୁଣ କୁମାର ସ୍ୱାଇଁ,ରମାକାନ୍ତ ମଣ୍ଡଳ,ବିଶିଷ୍ଟ ଗାନ୍ଧୀବାଦୀ ସମାଜସେବୀ ଗୌରାଙ୍ଗ ହୋତା,ଗୀତାଞ୍ଜଳୀ ସ୍ୱାଇଁ,ପ୍ରିୟନାଥ ଆଚାର୍ଯ୍ୟ,ଚନ୍ଦନ ପରିଡ଼ା ଓ ଉମେଶ ଲେଙ୍କାଙ୍କ ସମେତ ବହୁ ସମାଜସେବୀ ଓ ନାରୀନେତ୍ରୀ ସାମିଲ ହୋଇଥିଲେ ।

## ଦୂର ହେଲା ଭ୍ରାନ୍ତି : ଅଳ୍ପ ମଦ୍ୟପାନ ବି ହାନିକାରକ !

ଦଶନ୍ଧି ଦଶନ୍ଧି ଧରି ଏକ ଧାରଣା ରହି ଆସିଥିଲା ଯେ ମଧ୍ୟମ ଧରଣର ମଦ୍ୟପାନ ଲୋକଙ୍କୁ ସୁସ୍ଥ ତଥା ଦୀର୍ଘଜୀବୀ କରିଥାଏ। ଏପରିକି ଫ୍ରାନ୍ସରେ 'ଫ୍ରେଞ୍ଚ ପାରାଡକ୍ସ' ନାମକ ଏକ ଦୃଢ଼ ଧାରଣା ରହିଛି କି, ରେଡ୍ ୱାଇନ୍ ସେବନ କରୁଥିବା ଲୋକଙ୍କର ହୃଦ୍‌ରୋଗ ହାର କମ୍ ରହିଥାଏ। ମାତ୍ର ଏକ ସଦ୍ୟ ଅନୁଧ୍ୟାନ ଅନୁଯାୟୀ, ଯେକୌଣସି ପରିମାଣରେ ହେଉ ପଛେ, ମଦ୍ୟପାନ ଆଦୌ ସ୍ୱାସ୍ଥ୍ୟପ୍ରଦ ନୁହେଁ। ଏପରିକି ଅଳ୍ପରୁ ମଧ୍ୟମ ଧରଣର ମଦ୍ୟପାନ କରୁଥିବା ଲୋକଙ୍କର ବହୁବିଧ କର୍କଟ ହେବାର ଆଶଙ୍କା ରହିଛି। ସେଥିପାଇଁ ମଦ୍ୟପାନ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ କଦାପି ନିରାପଦ ନୁହେଁ ବୋଲି ଗତବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବଲ୍ୟୁଏଚ୍‌ଓ) ପକ୍ଷରୁ ଘୋଷଣା କରାଯାଇଛି।

ମଧ୍ୟମ ଧରଣର ମଦ୍ୟପାନ ସ୍ୱାସ୍ଥ୍ୟପ୍ରଦ ବୋଲି ରହିଥିବା ଭ୍ରାନ୍ତ ଧାରଣାର ଆଧାର ହେଉଛି ଅତୀତରେ ହୋଇଥିବା କେତେକ ବୈଜ୍ଞାନିକ ଅଧ୍ୟୟନ। କିନ୍ତୁ ଭିକ୍ଟୋରିଆ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ 'କାଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ସବ୍‌ଷ୍ଟାନ୍ସ ୟୁଜ୍ ରିସର୍ଚ୍ଚ'ର ଗବେଷକମାନେ ପୂର୍ବରୁ ପ୍ରକାଶିତ ୧୦୭ ପ୍ରକାର ତଥ୍ୟଭିତ୍ତିକ ଅନୁସନ୍ଧାନକୁ ତର୍ଜମା କରି ଉକ୍ତ ଗବେଷଣାଗୁଡ଼ିକ ତ୍ରୁଟିକୁ ଠାବ କରି ସେଗୁଡ଼ିକର ନିଷ୍କର୍ଷ ଭ୍ରମାତ୍ମକ ବୋଲି ପ୍ରମାଣିତ କରିଛନ୍ତି।

ମଦ୍ୟପାନଠାରୁ ସଂପୂର୍ଣ୍ଣ ଦୂରେଇ ରହିଥିବା ଲୋକଙ୍କ ତୁଳନାରେ ଦିନକୁ ଦୁଇଥର ଅଥବା ସପ୍ତାହକୁ ଥରେ ମଦ୍ୟପାନ କରୁଥିବା ଲୋକଙ୍କର ମୃତ୍ୟୁ ଆଶଙ୍କା ୧୪ ପ୍ରତିଶତ କମ୍ ବୋଲି ପୂର୍ବ ଗବେଷଣାରୁ ନିଷ୍କର୍ଷ ମିଳିଥିଲା। ମାତ୍ର ସେସବୁ ତଥ୍ୟଭିତ୍ତିକ ଅନୁଧ୍ୟାନ କେବଳ ବୟସ୍କ ଲୋକଙ୍କ ମଧ୍ୟରେ ସୀମିତ ରହିଥିଲା। ସେଥିରେ ଜୀବନ ତମାମ ମଦ ପିଉଥିବା ଲୋକଙ୍କୁ ସାମିଲ କରାଯାଇ ନଥିଲା। ଅର୍ଥାତ୍ ସେଥିରେ ମଧ୍ୟମ ଧରଣର ମଦ୍ୟପାନ କରୁଥିବା ଲୋକଙ୍କ ସହିତ ମଦଠାରୁ ସଂପୂର୍ଣ୍ଣ ଦୂରେଇ ରହିଥିବା ଓ କୌଣସି ସ୍ୱାସ୍ଥ୍ୟ ସମସ୍ୟା ପରେ ମଦ୍ୟପାନ କମାଇ ଦେଇଥିବା ଅଥବା ତ୍ୟାଗ କରିଥିବା ଲୋକଙ୍କ ସହ ତୁଳନା କରାଯାଇଥିଲା। ସୁତରାଂ ତୁଳନାତ୍ମକ ଭାବେ ମଦ୍ୟପାନ ଜାରି ରଖିଥିବା ଲୋକେ ଅଧିକ ସୁସ୍ଥ ବୋଲି ସେଥିରୁ ନିଷ୍କର୍ଷ ବାହାରିଥିଲା। ମାତ୍ର ଭିକ୍ଟୋରିଆ ବିଶ୍ୱବିଦ୍ୟାଳୟର ଏହି ଗବେଷକମାନଙ୍କ ସଦ୍ୟତମ ଅନୁଧ୍ୟାନରେ ୫୫ ବର୍ଷରୁ କମ୍ ବୟସ୍କ ଲୋକଙ୍କୁ ସାମିଲ କରାଯାଇଥିଲା। ଏଥି ସହିତ ପୂର୍ବରୁ ମଦ ପିଇ ଏବେ ଛାଡ଼ିଦେଇଥିବା ଏବଂ ବେଳେ ବେଳେ ମଦ ପିଉଥିବା ଲୋକଙ୍କୁ ମଦ୍ୟନିବୃତ୍ତ ଶ୍ରେଣୀରେ ରଖାଯାଇନଥିଲା। ଏଥିରୁ ମଧ୍ୟମ ଧରଣର ମଦ୍ୟପାନ କରୁଥିବା ଲୋକଙ୍କର ଜୀବନଧାରଣ କ୍ଷମତା ଉନ୍ନତ ଥିବା କଥା ଆଦୌ ନିରୂପିତ ହୋଇନଥିଲା। ସେହିପରି ରେଡ୍ ୱାଇନ୍‌ରେ 'ରେସଭେରାଟ୍ରଲ୍' ନାମକ ଏକ



> ମଦ ପିଉଥିବା ଲୋକଙ୍କ କ୍ଷେତ୍ରରେ ମୁଖଗହ୍ୱର କର୍କଟ, ଗଳା କର୍କଟ, ସ୍ତନ କର୍କଟ ଓ ଅନ୍ତ୍ରାଶୟ କର୍କଟ ପରି ସାତ ପ୍ରକାରର କର୍କଟ ରୋଗ ଆଶଙ୍କା ଅଧିକ

ପ୍ରକାର ଆଣ୍ଟିଅକ୍ସିଡାଣ୍ଟ ରହିଛି ଯାହା ରକ୍ତରେ କୋଲେଷ୍ଟ୍ରୋଲ୍ ସ୍ତର ଓ ରକ୍ତଚାପ କମାଇବାରେ ସହାୟକ ହୋଇଥାଏ। ତେଣୁ ରେଡ୍ ୱାଇନ୍ ହୃଦ୍‌ରୋଗ କମାଇଥାଏ ବୋଲି ବିଶ୍ୱାସ ରହିଛି। ମାତ୍ର କେତେ ପରିମାଣର 'ରେସଭେରାଟ୍ରଲ୍' ଆମ ପାଇଁ ନିରାପଦ, ସେ ସମ୍ପର୍କରେ କିଛି ସୂଚନା ମିଳିପାରିନାହିଁ। ଅପରପକ୍ଷେ, ମଦ ପିଉଥିବା ଲୋକଙ୍କ କ୍ଷେତ୍ରରେ ମୁଖଗହ୍ୱର କର୍କଟ, ଗଳା କର୍କଟ, ସ୍ତନ କର୍କଟ ଓ ଅନ୍ତ୍ରାଶୟ କର୍କଟ ପରି ସାତ ପ୍ରକାରର କର୍କଟ ରୋଗର ଆଶଙ୍କା ଅଧିକ ବୋଲି ଜଣାଯାଇଛି।

**ମୁଣ୍ଡ ନେଉଛି ବିଷାକ୍ତ ମଦ**

## ରାଜସ୍ୱ ମୋହ, ଜୀବନ ତୁଚ୍ଛ

ଭୁବନେଶ୍ୱର, ୨୩।୯ (ବ୍ୟୁରୋ): ମଦ ନେଉଛି ମୁଣ୍ଡ। ବିଷାକ୍ତ ମଦ ପିଇ କିଏ ପ୍ରାଣ ହରାଇଛି। କିଏ ବଞ୍ଚିଛି ମାତ୍ର ହରାଇଛି ଦୃଷ୍ଟିଶକ୍ତି। ମଦମୃତ୍ୟୁରୁ ଉଚ୍ଛନ୍ନ ହୋଇଯାଇଛି ବହୁ ପରିବାର। ଦୁଃଖ କହିଲେ ନସରେ। ସରକାର କିନ୍ତୁ ରାଜସ୍ୱ ନିଶାରେ ଚୁର୍। ମଦ କାରବାରରେ ତାଲା ଲଗାଇ ନିଷେଧ କରିବାକୁ ହାତ ଥରୁଛି। ଶହ ଶହ ପରିବାର କିନ୍ତୁ ମଦ ପାଇଁ ନିଜ ପ୍ରିୟ ମଣିଷକୁ ହରାଇ ଛଟପଟ ଜୀବନ ଜିଉଁଛନ୍ତି।

ରାଜସ୍ୱ ମାୟାରେ ସରକାର ବାୟା। ବର୍ଷକୁ ବର୍ଷ ମଦରୁ ରାଜସ୍ୱ ଆୟ ପରିମାଣ ବଢ଼ି ବଢ଼ି ଚାଲିଛି। ସରକାର ପ୍ରତି ଆର୍ଥିକ ବର୍ଷରେ ମଦରୁ ଅଧିକ ରାଜସ୍ୱ ପାଇବା ଲକ୍ଷ୍ୟ ରଖି ମଦ ଦୋକାନ ଖୋଲିବାକୁ ଅନୁମତି ଦେଉଛନ୍ତି। ମାତ୍ର ଏସବୁ ସତ୍ତ୍ୱେ ରାଜ୍ୟରେ ବିଷାକ୍ତ ମଦର ବେପାର ବନ୍ଦ ହେଉନି। ନିକଟରେ ଗଞ୍ଜାମ ଚିକିଟିରେ ଅପମିଶ୍ରିତ ମଦ ପିଇ ଘରର ୫ ମୁରବି ଜୀବନ ହରାଇବା ପରେ ମୁଣ୍ଡରେ ଛିଣ୍ଡିଛି ବଜ୍ର। ପରିବାରର କ୍ଷତି କିଏ ଭରଣା କରିପାରିବ? ଚିକିଟି ମଦମୃତ୍ୟୁ ପରେ ସରକାର ବିଷାକ୍ତ ମଦ କାରବାର ରୋକିବାକୁ ଚଢ଼ାଉ ଅଭିଯାନ ତେଜିଛନ୍ତି। ମାତ୍ର ମଦମୁକ୍ତ ଓଡ଼ିଶା ଗଢ଼ିବାକୁ ସରକାର 'ମଦ ନିଷେଧ' ନିଷ୍ପତ୍ତି ନେଇପାରୁନାହାନ୍ତି।

ରାଜ୍ୟ ସରକାର ଅବକାରୀରୁ ପ୍ରାୟ ସାଢ଼େ ୭ ହଜାର କୋଟି ଟଙ୍କାର ରାଜସ୍ୱ ଆୟ କରୁଛନ୍ତି। ରାଜ୍ୟରେ ୧୯୨୮ଟି ବିଭିନ୍ନ କିସମର ମଦ ଦୋକାନରେ ଦୈନିକ ୬.୯ ଲକ୍ଷ ବଲ୍କ ଲିଟର ମଦ ବିକ୍ରି ହେଉଛି। ଅବକାରୀ ରାଜସ୍ୱର ସିଂହଭାଗ ଆୟ ମଦରୁ ଆସୁଛି। ବର୍ଷକୁ ବର୍ଷ ଅବକାରୀ ରାଜସ୍ୱ ବଢ଼ି ଚାଲିଥିବାରୁ ମଦ ବ୍ୟାନ୍ କରି ସରକାର ଆର୍ଥିକ କ୍ଷତି ସହିବାକୁ ଆଗପଛ ହେଉଛନ୍ତି। ମାତ୍ର ରାଜ୍ୟକୁ ଧୀରେ ଧୀରେ ମଦ ଗିଳିବାକୁ ବସିଲାଣି। ଚାଷୀଙ୍କ ଠାରୁ ଆରମ୍ଭ କରି ଯୁବପିଢ଼ି ମଧ୍ୟ ମଦ ନିଶାରେ ଚୁର୍ ହେଉଛନ୍ତି। ରାସ୍ତା ଦୁର୍ଘଟଣାରୁ ବହୁ ଧନ ଜୀବନ ଯାଉଛି। ▶ ଭିତରେ


ପ୍ରକାଶକ : ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ (ମୋନା)
ପ୍ଲଟ ନଂ: ୮୫୩/୧୪୩୧, ପ୍ରଗତି ନର୍ସିଂହୋମ (୨ୟ ମହଲା),
ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା
e-mail : monnaodisha@gmail.com,
web : www.monnaodisha.com

ଆମର ସଂକଳ୍ପ
ମଦମୁକ୍ତ
ଓଡ଼ିଶା

ମୁଖ୍ୟ ସମ୍ପାଦକ : ପଦ୍ମଚରଣ ନାୟକ (ମୋ: ୯୯୩୮୮୯୩୪୪୫)
ଏହି ସଂଖ୍ୟାର କାର୍ଯ୍ୟକାରୀ ସମ୍ପାଦନା ମଣ୍ଡଳୀ :
ସର୍ବଶ୍ରୀ କୈଳାସ ଚନ୍ଦ୍ର ମଲ୍ଲିକ, ପ୍ରିୟନାଥ ଆଚାର୍ଯ୍ୟ, ମଳୟ କୁମାର ତ୍ରିପାଠୀ
ଯୋଗଯୋଗ : ୯୮୬୧୬୨୦୧୦୫, ୯୪୩୮୦୦୫୫୩୩, ୯୦୪୦୭୩୩୧୦୭


ସ୍କୁଲ କଲେଜ୍‌ରେ ଶିକ୍ଷକ ନାହିଁ - ମଦ ପ୍ରସାରଣ କ'ଣ ପାଇଁ ☆ ନିଶା ପ୍ରସାରଣ ଘଟୁଛି ଯେତେ, ନାରୀ ନିର୍ଯ୍ୟାତନା ବଢୁଛି ସେତେ